ନ ଯୋ ଢ଼ ।

ପ୍ରଥମ ଛାନ୍ଦ ।

ଏହିବନେ ହରି ଚରାନ୍ତି ବାଛୁରି ସଙ୍ଗେ ଦେଖ ସର୍ବ ଗୋପବାଳ ।
ଏଥି ଯଥ ହୋଇ ବନେ ବନେ ଯାନ୍ତି ବୃନ୍ଦାବନେ ଏକା
[illegible]ନାଲ । ୧ । ବନଶୋଭା ପାଇଁ ମଦନ ପୀଡ଼ିଲ ରାଧା ଗୁଣି
ଗୁଣି ଛନ ଛନ । ଦେଖିଲେହେଁ ଅଜ ନ ରହିବ ଲାଜ ବିଗ୍ରହ-
କରନ୍ତି ମନେ ମନ । ୨ । ଦନ୍ତରେ ତୃଣ ଧରିବି ଚରଣ ।
ଶରଣ ପଶିବି କାହେ ମୁହିଁ । ବେଦନା ଜଣାଇ କହିବି ମଣାଇ
ଧରି ନ ଛାଡ଼ିବି ପାଦ ଦୁଇ । ୩ । ଗୃହଲ୍‌ଯାଉଥିଲା ଅନାଇଁ ରହିଲା
ମୁହିଁ ନ କହିଲି ମୋର ଦୋଷ । ମଦନ ପୀଡ଼ଇ ବିବେକ ବୁଡ଼ଇ
କହି ନ ପାରଇ ତାର ପାଶ । ୪ । ହୋଇବଇଁ ଲୋକ କଣିଲା
[illegible]ଯବକ ଯେ ମୋତେ ରାଧାକୁ ଦେବ ଆଣି । ନିରନ୍ତରେ ପାଦେ
ତାର ଅବଶ୍ୟ ସେବା କରୁଥିବି ମନ ଜାଣି । ୫ । ଏକାନ୍ତେ
ଭେଟିବି ଚରଣେ ଲୋଟିବି ତ[illegible] ବୋଲନ୍ତେ ମୁଁ ନ ଛଡ଼ିବି ।
ଯେବେ କର ଧରି ଟେକିବ ସୁନ୍ଦରୀ ଉଠି କର ଯୋଡ଼ି ଜଣାଇବି ।୬।
[illegible] ପାଇବି ଯେବେ ଝାସିବି କାଳିନ୍ଦୀ ଜୀବନ ହାରିବି ତାର ଲାଗି ।
ଚନ୍ଦ୍ରମାବଦନୀ କନକ ବରଣୀ ଗୁରୁ ସୁକୁମାରୀ କୋମଳାଙ୍ଗୀ ୭ ।
ମଧ୍ୟ ଅତି କ୍ଷୀଣ ସ୍ତନ ଯଉବନ ମୁକୁତାହାରହିଁ ଅଛି ଶୋଭି ।
[illegible]ଲତା କମାଣ ନୟନର ବାଣ ହରି ହୋଇ ଚେତନ ହେବେ ମୋହି ।୮।
ରାଧା ପ୍ରତିଅଙ୍ଗେ ଗୋବିନ୍ଦ ଅବଶେ କଦମ୍ବ ତରୁର ମୂଳେ ବସି ।
ଭିପ୍ରଚଣ୍ଡ ଦାସ ଭଣେ ପୀତବାସ ରାଧା ସମୀପକୁ ଦୂତୀ ପେଷି । ୯ ।

Digitized by PPRACHIN, SOA

ନ ପୋଇ ।

ଦ୍ୱିତୀୟ ଛାନ୍ଦ ।

ଏକା ହୋଇ ରାଧା କନ୍ଦର୍ପରେ ବାଧା କାଳନ୍ଦୀକୂଳରେ ଅଛନ୍ତି ଛନ୍ତି । ସୁଗନ୍ଧ ଲଗାଇ ସ୍ନାହାନ କରଇ କୂଳେ ଅଳଙ୍କାର ବାସ ଥୋଇ । ୧ । ତର ତର ହୋଇ ସ୍ନାହାନ ସାରଇ ତରସ୍ତ ହୋଇଣ ପୀନସ୍ତନୀ । ଚିଲପକ୍ଷୀ ଥିଲା ବେଗେ ଝାମ୍ପ ଦେଲା ମୁକୁତା ହାରକୁ ଗଲା ଘେନି । ୨ । ବୁଦ୍ଧି ନ ସ୍ଫୁରଇ ଚକିତେ ଅନାଇଁ କି ବୋଲି କହିବ ଘରେ ଯାଇଁ । ଶାଶୁ କି ବୋଲିବେ ନଣନ୍ଦ ଚିଳିବେ ଏକା ମୁଁ ଅଇଲି କାହିଁପାଇଁ । ୩ । ଗୁପତେ ଗୋବିନ୍ଦ ଅନାଇଁ ଆନନ୍ଦ କାତରେ କର୍ମାନ୍ତ ହୁଅ ଦମ୍ଭେ । ଚରଣ ବଢ଼ାଇ ଲଜଇ ମାତଇ ପୀଡଇ ମଦନ ଶର ଲଭେ । ୪ । ବଙ୍ଗୁରଣି ଚଉଦ୍ଧ୍ୱେ ମଦନ ଆରତେ ଧୀରେ ଧୀରେ ରାଧାପାଶେ ମିଳି । ବିମ୍ବାଧରେ ହସି ଶୁଣ ଚରେ ସ୍ଵକେଶି ଚିଲ ଘେନିଗଲା ମୋତିମାଳୀ । ୫ । ଆଣି ଦେଲେ ଆମ୍ଭେ କିସ ଦେବ ତୁମ୍ଭେ ସତ୍ୟକରି କହ ଜଳ ଛୁଇଁ । ପାଇଣ ଉପତ ପାସୋର ଆରତ ଆନନ୍ଦ ହୋଇଲେ ଗୃହମୁହିଁ । ୬ । ହରିବାଣୀ ଶୁଣି ଅବୋଧ ତରୁଣୀ ସ୍ୱୀକାର କରି ପୋତେ ମଥା । ଆହା ବାପ ଭାଇ କହିଲ କିପାଇଁ ତୁମ୍ଭଙ୍କୁ ଅପୂର୍ବ କେଉଁ କଥା । ୭ । ସତ୍ୟ କଲି ମୁହିଁ ହାର ମୋତେ ଦେଇ ନଣନ୍ଦ ଦ୍ୱନ୍ଦରୁ ପାର କର । ଅତି ମୂଢ଼ ମନ୍ଦ ନଗନ୍ତ୍ରରେ ଦ୍ୱନ୍ଦ କରନ୍ତ କଠୁଣ ଭାଷା ତାର । ୮ । ଶାଶୁଙ୍କ ଗଞ୍ଜଣା ଯେତେକ ଭର୍ତ୍ସନା କାହା ବାପ ବଳେ ସହୁ ଏହା । ବିପ୍ର କଣ୍ଠ ଦାସ ଭଜେ ପୀତବାସ ରାଧା କହେ ହରିପାଶେ ଯାହା । ୯ ।

ତୃତୀୟ ଛାନ୍ଦ ।

ଏତେ ବୋଲି ହରି ତରୁତଳେ ମିଳି ପକ୍ଷିକି ଉଡ଼ାଇ ଦେଲେ ତାଳି । ଛାଡ଼ି ମୋତିମାଳ ଉଡିଗଲା ଚିଲ ଖସିଣ ପଡିଲା ବୃକ୍ଷପରୁ ॥

Digitized by PPRACHIN, SOA

କରେ ମୋତିମାଳ ଘେନ ନନ୍ଦବାଳ ରାଧିକା କଣ୍ଠରେ ଲମ୍ବାଇଲେ ।
ଲାଜ ଭୟ ମିଶି ଅନୁରାଗେ ବସି କର ଦୁଇ ଯୋଡ଼ି ଜଣାଇଲେ । ୨ ।
କହୁଅଛ ଯାହା ନୋହିବ କି ତାହା ସତ୍ୟବଚନ କି ହେବ ଆନ ।
ଜଗିଥାଇଁ ବାଟ ନ ପାଇଣ ଭେଟ ଏହିମତ ଗଲା ରାତ୍ର ଦିନ । ୩ ।
ଆଜର ଦିବସ ହୋଇବ ମୋ ଯଶ ଭେଟିଲି ତରୁଣୀ ଶିରୋମଣି ।
କାମି କାମଅଙ୍ଗୀ ଯାହା ଅଛ ମାଗି ଫେଡ଼ି କି କହିବ ପୀନସ୍ତନୀ । ୪ ।
ନବ ରସବତୀ ମୋହିଲୁ ମୋ ମତି ମଦନ ଶରରେ ତନୁ ଘାରି । ହସି
କହି କଥା ଫିଟୁ ମନବ୍ୟଥା କାମଦେବ ଯାଉ ଅପସରି । ୫ । ଗୋବିନ୍ଦ
ବଚନ ତରୁଣୀରତନ ଶୁଣି ଛନ ଛନ ଗଲୁ ଦୁଃଖ । ତନୁ ଝମ ଝମ
ହୁଆ ଦମ ଦମ ତମ ତମ କଲା ଚନ୍ଦ୍ରମୁଖ । ୬ । ଚକିତେ ଗୁହାଁଇ
ବୁଦ୍ଧି ନ ସ୍ଫୁରଇ ନିଶ୍ୱାସ ବହଇ ଖରତର । କାତରେ କମ୍ପଇ
ନିଷ୍ଠୁରେ କହଇ ଏ ବୁଦ୍ଧି ହୋଇଲା କାହୁଁ ତୋର । ୭ ।
ବାଳୁତ ନନ୍ଦନ କାଲି ତୋ ଜନମ ଅବେଭାର କଥା କହୁ ବଢ଼ି ।
ନନ୍ଦକୁ କହିବ ଛୁଟ ଖୁଆଇବ କାହୁଁ ତୁ ଶିଖିଲୁ ଏତେ ପଢ଼ି । ୮ ।
କି କହିବ ତୋତେ କିସ ଲାଜ ମୋତେ ଶୁଣିଲି ଅଭାଗଂ ମୋର
ଏହି । ବିପ୍ର କଣ୍ଠଦାସ ଭଜେ ପୀତବାସ ମଥା ପୋଡ଼ି ଗଣ୍ଡେ
ହସ୍ତ ଦେଇ । ୯ ।

ଚତୁର୍ଥ ଛନ୍ଦ ।

କଲେ ତୁ ନିରାଶ ଖାଇଁବଇଁ ବିଷ ମରିବି ନିଶ୍ଚୟେଁ ତୋରଲାଗି ।
ସ୍ତିରୀକି ପୁରୁଷ ହତ୍ୟା ବଡ଼ ଦୋଷ କି ଯଶ ପାଇବୁ ଆଶା
ଭଙ୍ଗି । ୧ । ଭୁତ ଗୁଣବତୀ ବିବେକୀ ଯୁବତୀ ଅଛୁ ବୃଷଭାନୁ ରାଜା
ଝିଅ । ତୋହର ଚରଣ ପଶିଲି ଶରଣ ମୁହିଁ ଗୋପେ ନନ୍ଦରାଜା ପୁଅ ।
ରଖ ବା ନ ରଖ ମୁଁ ତୋ କଣାଲୋକ ମଦାଳସି କାମଭୟେ ଖଣ୍ଡ

Digitized by PPRACHIN, SOA

ମୁଁ ଯିନା ବାଳକ କଥା ମୋର ରଖ ଆଜିମୋତେ ବେଶି ନ ଦେ
ଛୁଡ଼ ସବ ଲାଜ କହିଲଇଁ ଆଜ ଗୃଲ ସଖି କୁ ବନେ ଟି
ଏତେବୋଲି ହରି ପଣତ ଓଢ଼ାରି ଆସ ସଖି ମୋର ଘେନ ସେ
କୋପେ ଗୁରୁତର ଛଡ଼ାଇ ଅଞ୍ଚଳ ବଚନ କହେ ସେ ଖରତ
ସଜନୀ ଆସିବେ ଦେଖି କି ଭାଷିବେ କି ଦଣ୍ଡ କରିବାର
ମୋରେ । ୫ । ନଣନ୍ଦ ଜାଣିବ ଧିକ୍କାର ବୋଲିବ ଦୋଗୃରୁଣୀ
ପରଭୁଣ୍ଡେ । ଲୋକଲଜ୍ଜା କଥା ମରଣରୁ ବ୍ୟଥା ଆଉ କି ଗ
ଗୋପଦାଣ୍ଡେ ॥ ଦୁଷ୍ଟ କଂସରାଜା ବଡ଼ଇ ତରଜା ଜାଣିଲେ ଘ
ନେବ ବନ୍ଧ । ନନ୍ଦ ଧରି ନେବ ସମ୍ପଦ ସାରିବ ତୋହିଯୋଗୁଁ
ଯିବୁଁ ଦୁଇ ॥ ବାଛୁରି ଚରାଉ ବନେ ଭାତ ଖାଉ ନନ୍ଦଘରେ ରହି
ଦଣେ । ମାଗୁ ଯା ବଚନେ ଶୁଣୁନା ସ୍ୱପନେ ହୋଇଣ ନାଗର
ଜଣେ । ୮ । ନାନା ଛଳ ହେଉ ମୋହିନୀ ଲଗାଉ ପର କୁ
ହରି ନେଉ । ବିପ୍ର କୃଷ୍ଣଦାସ ଭଣେ ପୀତବାସ ରାଧା ବୋ
ଆକାଶ ଛୁଉ । ୯ ।

ଦଶମ ଛାନ୍ଦ ।

ଶୁଣି ବେଣୁଧର ଯୋଡ଼ି ବେନିକର କହନ୍ତି କୋମଳ ଗୃହ୍ଣିବ
ମୁହିଁ ଗଲେ ନାଶ ପାଇବୁ କି ଯଶ କେତେହେଁ ମ୍ନାରଶ
ପୁଣି । ୧ । ଫାନ୍ଦରେ ପକାଇ ବନ୍ଧନେ ରଖାଇ ଯେବେ
ସଖି କରି ପିଠି । ତୋର ବିରହରେ ବିଚ୍ଛେଦ ଅନଳେ
ଜାରିବ ଟେରବୃଷ୍ଟି । ୨ । କାମଭେରେ କୋଳ କରନ୍ତେ
ଆଡ଼େ ହୋଇ ରାଧା ଗଲୀ ଖସି । ଅତି ମୂଢ଼ ମନ୍ଦ ଅନ୍ଧରେ
ଭଲଲୋକ ସଙ୍ଗେ ନାହିଁ ରସି । ୩ । ପୁରାଣରେ ଯାହା ଶୁ
ତାହା ବନେ ହରି ଲୋଡ଼ୁ ପରନାରୀ । ପବନକୁ ଫାନ୍ଦ
ଛନ୍ଦ ପକାଇ ଲୋଡ଼ୁ ତୁ ହସ୍ତେ ଧରି । ୪ । ଦନ୍ତରେ

Digitized by PPRACHIN, SOA

ୟୁରେ ଚରଣ ଶୋର ନ ଉଠିଲେ ବେଣୁପାଣି । ଅତ୍ତ ମନ୍ଦମନ୍ତ
ବୋଧ ଯୁବତୀ ଛିଣ୍ଡାଇପକାଇ ଗଲେ ପୁଣି । ୫ । ଝୁଣ୍ଟିଆ କପାଳେ
ାଜଣୀ ରୁଧିର ଝର ଝର ବହେ ଖରତରେ । ପୀତବାସେ ଛପେ
ନ ଅନୁତାପେ ବର୍ଷାଦେ ବଧିଲେ ବୃକ୍ଷମୂଳେ ।ନ୍ତା ଚିନ୍ତା ଖେଦଭରେ
ାଘଇ ଶଯ୍ୟରେ ଦାରୁଣ ଯୁବତୀ କଲା ଯାହା । ଲୋତକ ବହଇ
ଦସ୍ତ୍ର ଦହଇ ପୁଣ ପୁଣ ଚିତ୍ତେ ଚିନ୍ତେ ତାହା । ୬ । ପାଇଥିଲେ ଧନ
ଦ୍ରେ ଯେସନ ହରାଇ ପୁଣ ଯେମନ୍ତ ହୁଏ । ସ୍ୱପ୍ନେ ନ ଭ୍ରଷଇ ତା
ବେ ରସଇ ଆହା ରସବତୀ ପ୍ରାଣପ୍ରିୟେ ॥ କମଳ ନୟନ କପାଳେ
ାଜଣ ନ ପୁଣି ସଜନ ପାଇ ବ୍ୟଥା । ବିପ୍ର କୃଷ୍ଣଦାସ ଭଣେ ପୀତବାସ
ରି ଯୋଗିମନେ କରେ ଚିନ୍ତା । ୯ ।

ଷଷ୍ଠ ଛାନ୍ଦ ।

ପଞ୍ଚଶରେ ଗଞ୍ଜି ରାଧାନାମ ହେଳେ ମୂରଲୀ ବଜାଇ ବିମ୍ବାଧରେ ।
ାଧିକା ରାଧିକା ମୋ ପ୍ରାଣ ଅଧିକା ବିପରୀତ ଶୁଭେ ଗୋପପୁରେ । ୧ ।
ଗାପପୁର ରାଈ ପଲଙ୍କରେ ଶୋଇ ମନେ କରି ଗୁରୁତର ତାପ ।
ରଲୀ ଶୁଣଇ ଚମକି ପଡ଼ଇ ଆମନ୍ତ୍ରେ ମଦନ ଫୁଲ ଚାପ ॥ ଧନଞ୍ଜୟ
ଛେଦଇ ମରମ ଭେଦଇ ଅଧୀର ହୋଇଣ କମ୍ପେ କାୟ । କେଶ
ାସ ଫିଙ୍ଗି ଅବନୀରେ ଲୋଟି ଚନ୍ଦନ କର୍ପୂର ବିଷ ପ୍ରାୟ । ୩ ।
ଲୟ ପବନ ଅନଳ ସମାନ ଅମୀୟ ଅଶନ ନ ରୁଚଇ । ହଂସୁଲୀ
ାଡ଼ଇ ଭୂମିରେ ଗଡ଼ଇ ଉଠିଲେ ପଡ଼ଇ ମୋହ ଯାଇ । ୪ ।
ଦଖି ହୂତୀ ସଖୀ ମନେ ବଡ଼ ଦୁଃଖୀ ଗୁପତ ବେଦନା ଜାଣି
ାର । ଆହା ମନୋହାରୀ ଅବନୀରୁ ତୋଳି ପରିରଇ ସଖି କିସ
ତାର । ୫ । ବଚନ ନ କହୁ ଛନ ଛନ ହେଉ ବାଉଳ ପରାଏ
ତାର ଗତ । ପଲଙ୍କେ ନ ରହୁ ହାରଇ ନ ବହୁ କାହିଁ
ାଗିଅଛୁ ଆଜ ମତ । ୬ । ଘରହିଁ ନ ମଣୁ ସଖୀଙ୍କି ନ ଗଣୁ

Digitized by PPRACHIN, SOA

ଭଲପ୍ରାପ୍ତ ମତେ ଦଶୁ ନାହିଁ । ତର ତର ହୋଇ ଅଇଲୁ ଗା
ଫୁଲବନେ ସଙ୍ଗଥିଲି ଯାଇ । ୭ । ଆସିଣ ଲେଉଡ଼ିଲି ଭେଟ ନ ପା
ମନକୁ ଲାଗିଲା ଗରୁ ବ୍ୟଥା । ଦେହ କ ହୋଇଛି ନ ଜାଣେତ
କଥାତ ନ କହୁ ଠେକ ମଥା । ୮ । ସତ୍ୟକର କହ କିସ ଦେ
ଦେହ ବନେ କରିଲୁ କ ଚନ୍ଦ୍ରମୁଖି । ବିପ୍ରକଣ୍ଠ ଦାସ ଭଜେ ପୀତ
ଦେଖି ଦୂତୀ ମନେ ବଡ଼ ଦୁଃଖୀ । ୯ ।

ସପ୍ତମ ଛାନ୍ଦ ।

କ ବୁଦ୍ଧି କରିବ କେମନ୍ତେ ତରିବ ନାମ ଧରି ସବେ ପଞ୍ଚସ୍ଥ
ଧଇର୍ଯ୍ୟ ଭଙ୍ଗିଲ ବିବେକ ହଜାଇ ମାନ ତେଜ ମାନ ବଳେ ହରେ
ମୋ ନାମ ଜାଣିବେ ସଭିରେ ଶୁଣିବେ କେମନ୍ତେ ଗୃହିଁବ
ମୁଖ । କୁଳରେ କଳଙ୍କ ଲାଗିବାର ଧିକ ମରିବାର ସଙ୍ଗି ବଡ଼ ସୁଖ
ଚିତ୍ତ ବିଚଳିତ ନୋହେ ନିବାରିତ ତାର ଅଙ୍ଗ ସଙ୍ଗ ମନ ଖୋ
ବିକାର ବାଧଇ ମଦନ ସାଧଇ ରହି ନ ପାରଇଁ ବେଣୁନାଦେ ।
ଜନନ୍ତୁ ବାନ୍ଧବେ ଗୁରୁଜନେ ସର୍ବେ ତେଜନ୍ତୁ ଅବା ଏମାନେ ମୋ
ଦୁର୍ବାଦ ଭୂଷଣ ଦିଅନ୍ତୁ ଘୋଷଣ ଗଞ୍ଜନ୍ତୁ ପଛକେ ଗୋପେ ଯେତେ
ଝିମି ଝିମି ତନୁ ନ ଯାଇ ମୋ ମନୁ କ୍ଷଣେ ଚିତ୍ତ ନ ରହଇ ସ
ଛାଡ଼ ଦୁଇକୁଳ ଭସେ କାମଜଳ ଲଗାଅ ଗୋବିନ୍ଦ ପାଦପଦ୍ମେ ।
ଶତେକ କପାଟ କିଳଣ ଆକଟ ରଖି ନ ପାରିବେ ଏବେ ମୋତେ ।
ରାଜା ଶିଷ୍ୟ କାଳକୂଟ ବିଷ ଦୁଇରୁ କଥାଏ ଦିଅ ହାତେ । ୬ ।
ଦୂତିକା ହୋଇଣ ତାଟକା ଗଣ୍ଡେ ହସ୍ତ ଦେଇ କହୁଅଛି । ନବ
ବତ ପତିଭକ୍ତାସତୀ କାହିଁ ତୋ ଏ ବୁଦ୍ଧି ଫୁରୁଅଛି ॥ କୁଳରେ କ
ଚହାଇଲୁ ରେ ସଙ୍ଗି କ ବୋଲି ବୋଲିବେ ତୋତେ ଗୋ
କହି ତୁ ସୁଝାଟ କେଣେ ଗଲୁ ଆଣ୍ଣ ବାଦ୍ୟ ନ ଶୁଭଇ

Digitized by PPRACHIN, SOA

।୮ ନନ୍ଦର ତନସ୍ତ ଅନେକ ବିନସ୍ତ କଲେ ନ କଲୁ
ୟୁ ତାରେ । ବିପ୍ରକଣ୍ଠଦାସ ଚରଣକୁ ଅଶ ରାଧିକା କହନ୍ତି
।ରେ । ୯ ।

ଅଷ୍ଟମ ଛାନ୍ଦ ।

।ନ ଶୁଣାଇ ଲୋତକ ପକାଇ ଏକାନ୍ତେ କାନ୍ଦିଲ ଚନ୍ଦ୍ର
। କି କି କର ତୋତେ କେ କସ କହିଲା ଆହା ବାପ ଭାଇ
ମୋର । ୧ । ଲୁଚ ଯାଇ କିନା କି ତୋର ବେଦନା ରକ୍ମୁଣୀ
କହ ମୋତେ । ମୁରଲୀ ବଜାଉ କାହା ନାମ ଗାଉ ବିକଳ
ର ଦେଖି ତେତେ ।୨। ଦେଖି ନନ୍ଦସୁତ ଆନନ୍ଦେ ଉସତ ଅଧକୁ
ରଖି କହେ । ଶୁଣ ଗୋ ଦୂତିକା ମୋ ପ୍ରାଣ ଅଧିକା
ମଦନ ଶର ଘାଏ । ୩ । ବାହ୍ୟ ନକଳଲା ଜୀବନ ରହିଲା
ହେଉଅଛି ଘାଉ ଲାଗି । ରାଧାନାମ ଗାଇ ମୁରଲୀ ବଜାଇ
ରହିଅଛି କାମ ଜାଗି । ୪ । ଧନ୍ୟ ସେ ସୁନ୍ଦରୀ ଗୃରୁ ମନୋ-
ମଦନ ବ୍ୟାଧିକ ମଜୁଷଧି । ଦେଖିଲ ଏକାନ୍ତେ କହିଲଇଁ
ତ କାହ୍ନୁ ସେ ହୋଇଲା ମଦବୁଦ୍ଧି । ୫ । ମହତ ସହଇ
ବକ ହରାଇ ମରଣ କହଣ ଆଡ଼େ ହେଲା । ଦନ୍ତରେ ତରଣ
ଲ ଚରଣ ଫିଙ୍ଗି ପକାଇଣ ରୁଷି ଗଲା । ୬ । ରୁଧିର ଲଲାଟ
ଲା ପୀତପଟ ତେଣୁ ହେଲ ସଙ୍ଗ ନାରମାଣୀ । ଶରଣ ନ ରଖି
କଲା ଦେଖି କି କଲା ପୁଣ ସେ ଚନ୍ଦ୍ରମୁଖ ୭ । ଶୁଣ ହେ
ୟୁତ ମୁରଲୀର ଗୀତ ଉଚ୍ଚାଟ ହୋଇଲେ ନୃପସୁତା । ଭୂମିରେ
ଇ ଉଠିଲେ ପଡ଼ଇ ଅପୂର୍ବ ମଣଇ ତାନ୍ତ କଥା । ମଦନ
ନଳ ଜଳଇ ଶରୀର ବୈଶ୍ୱଧିନ ହେଲା ଘୃତଧାର । ବିପ୍ର କଣ୍ଠଦାସ
ରଣକୁ ଅଶ ହର ବୋଲେ ଦୂତୀ କାହ୍ନୁକର । ୯ ।

Digitized by PPRACHIN, SOA

ନବମ ଛାନ୍ଦ ।

ତୁମ୍ଭ ପ୍ରୀତି ଧାମ୍ଭି ବସିଛି କହ୍ନାଇ ପାଦଧୂଳି ସେହ୍ନ ବେ
ହୋଇ । ମୋହନୀ ଲଗାଇ ଉଚ୍ଚାଟ କରାଇ ଏବେ ହରି
କରି ଯାଇ । ୧ । କହିଲୁ ସଜନୀ ଯିବଇ ରଜନୀ କେମନ୍ତେ ଗୃହ
ତାଙ୍କ ମୁଖ । କି କହିବି ତୋତେ ଜାଣିମି କେମନ୍ତେ ସ୍ୱପନେ
ନାହିଁ ପ୍ରୀତିସୁଖ । ୨ । ଧଇର୍ଯ୍ୟ ହରାଇ ଛନ୍ନ ହେଲି ଗୃହେ ଶୁ
କାହ୍ନାଣି ପାଟଶୋରଲ୍ଲି । ଗୁଆଁର ଯୁବତୀ ବୋଲଣ ଶ୍ରୀପତି
ହେଲେ ମୁଁ କପ କଲି । ୩ । ଅଭିସାର କରି ସଖୀରେ
ଲାଜଭୟ କାମଦେବ ଦେନ୍ନ । ଖଞ୍ଜିଦୂରେ ହୋଇ ପାଦ ନ
ଗୋବର୍ଦ୍ଧନ ସନ୍ନିଧେ ମିଳେ ବେନ୍ନି । ୪ । ଏ ଘୋରରଜନୀ କୁ
ଞ୍ଜ ଅସୁଣୀ ଗୋଷ୍ଠ ଗଉଡ଼ର ପାଶେ ଅଧି । ଲାଜଭୟ ଛାଡ଼ି ଖ
କ୍ଷା ମାଡ଼ି ସବୁ ତେଜି ତହିଁ ବନେ ପଶି । ୫ । ମାନଭ
ହୋଇ ବଦନ ଲମ୍ଭାଇ ଶୁଣି ଶଶିମୁଖୀ ପୋଛ ମଥା । ଦୁଇ ମ
ରସ୍ତ ସୁଖଭରେ ପଶୁ ମନରୁ ତୁମ୍ଭର ଛାଡ଼ି ବ୍ୟଥା । ୬ । ବେତ
କୋଳକରି କୁଞ୍ଜବନେ ହରି କୁସୁମଶଯ୍ୟାରେ ବଢେଇକରି
ଶ୍ରୀରାଧାମାଧବ ବଦନରେ ଭେଳ ପ୍ରୀତି ସୁଖଭାବ କଲେ ହରି । ୭ ।
କନକ ମର୍କତ ଯେଉଁ କି ତଡ଼ିତ ଗଙ୍ଗାସାଗରେ କି ମିଶା ମିଶି । ବେନ
ମନ ତାପ ଦେଇଣ କନ୍ଦର୍ପ ପଳାଅନ୍ତେ ନାନାସୁଖେ ରସି । ୮ ।
କୁଙ୍କୁମେ କଜ୍ଜଳ କମଳେ ଭ୍ରମର ବେନିଅଙ୍ଗ ଏକ ନିବିଡ଼ତରେ ।
ଭକ୍ତପ୍ରକାଶ ଦାସ ଚରଣକୁ ଆଶ ଦୀନଦାସ ସେବେ ନିରନ୍ତରେ । ୯ ।

ସମାପ୍ତ ।

ହୋମିଓପ୍ୟାଥିକ ଡାକ୍ତର ଶ୍ରୀ ଅଭିନ୍ନଚନ୍ଦ୍ର ଗୁପ୍ତଙ୍କର
ନାରାୟଣ ପ୍ରେସରେ ମୁଦ୍ରିତ—କଟକ ।—୧୯୨୫ ।

Digitized by PPRACHIN, SOA

ବିଜ୍ଞାପନ ।

କବି ଶ୍ରୀ ବୈଷ୍ଣବ ପାଣିଙ୍କ ବିରଚିତ ଓ ଗୋପାଳ ଦାସଙ୍କ ବିରଚିତ ପୁସ୍ତକମାନ ଅମ୍ଭ ନିକଟରେ ସର୍ବଦା ସଞ୍ଚିତ ଅଛି ।

କାଞ୍ଚିକାବେରୀ ସୁଆଙ୍ଗ	ଟ ୦ /୬
କମଳଲୀ ସୁଆଙ୍ଗ (ଗୀତାଭିନୟ)	ଟ ୦ ୷
ସଙ୍ଗୀତସୁଧା	ଟ ୦ ।
ସଙ୍ଗୀତ ମୋହନବଂଶୀ	ଟ ୦ ୵
ସଙ୍ଗୀତ ବଉଳବେଣୀ	ଟ ୦ ୵
ସଙ୍ଗୀତ ବସନ୍ତକୁସୁମ	ଟ ୦ ୵
ମୋହିନୀ ବାବୁଙ୍କ ଫାର୍ସି	ଟ ୦ /
ଅଦ୍ଭୁତ ରମଣୀ କୌଶଳ	ଟ ୦ ୵
ଊଷା ଅନିରୁଦ୍ଧ ଗୀତାଭିନୟ	ଟ ୦ ୷
ଚନ୍ଦ୍ରହାସ୍ୟ ସୁଆଙ୍ଗ	ଟ ୦ ୵୬
ପାରିଜାତହରଣ ସୁଆଙ୍ଗ	ଟ ୦ ୵
ମହାଲକ୍ଷ୍ମୀଙ୍କ ଲକ୍ଷବନ୍ଧା ସୁଆଙ୍ଗ	ଟ ୦ ୵

ବୃହତ୍ ଦ୍ରବ୍ୟଗୁଣ ଶିକ୍ଷା ଟ ୪ ‹ ଙ୍କା ।

ଦାଶରଥି ପୁସ୍ତକାଳୟ
ବାଲୁବଜାର
ପୋଃ ଅଃ ଚାନ୍ଦନୀଚୌକ, କଟକ ।

ବଶମ୍ବଦ
ଶ୍ରୀ ଦାଶରଥି ଦାସ ।

Digitized by PPRACHIN, SOA